ସୀତା ହେମଚନ୍ଦ୍ର ଶଶିତଳ ଏବଂ ଅନ୍ୟଜଣେ ଇତ୍ୟାଦି

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ଫେବୃଆରୀ 13, 2001

[କେ. ଟି. ଥୋମାସ୍ ଏବଂ ଆର୍. ପି. ସେଠୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦୁର୍ନୀତି ନିବାରଣ ଆଇନ 1947/ଦୁର୍ନୀତି ନିବାରଣ ଆଇନ, 1988— ଧାରା 13 (1) (e) ସହିତ ପାଠ କରାଯାଉଥିବା ଧାରା 5 (2)/ଧାରା 13 (2) ।*

*ଦୁର୍ନୀତି ସମ୍ବନ୍ଧୀୟ ଅପରାଧ— ସଂଜ୍ଞାନ — ତଦନ୍ତ ଶେଷ କରିବାର ଅବଧି— ଅନିର୍ଧାରିତ— ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି— ଦୀର୍ଘ ବିଳମ୍ବ ପରେ ଅଭିଯୋଗପର୍ଦ୍ଦ ଦାଖଲ ହୋଇଛି — ବ୍ୟାପକ ନଥିପତ୍ର, ବିଭିନ୍ନ ସ୍ଥାନରେ ଥିବା ଅନେକ ସମ୍ପତ୍ତି ଏବଂ ଶେୟାର ଓ ସ୍ଥାୟୀ ଜମା ଇତ୍ୟାଦି ସମ୍ବନ୍ଧୀୟ ଶତାଧିକ ଦଲିଲ୍‌ର ସୂକ୍ଷ୍ମ ଯାଞ୍ଚ ଆବଶ୍ୟକ କରୁଥିବା ଏକ ମାମଲା — ସରକାର ମକଦ୍ଦମା ଚଳାଇବା ପାଇଁ ଅନୁମତି ଦେବାକୁ 2 ବର୍ଷ ସମୟ ନେଇଛନ୍ତି — ଏହିପରି ବିଳମ୍ବ ପାଇଁ ତଦନ୍ତକାରୀ ଅଧିକାରୀମାନେ ଦାୟୀ ନୁହଁନ୍ତି — ଏପରି ମଞ୍ଜୁରି ପ୍ରାପ୍ତ ହେବାର କିଛି ଦିନ ମଧ୍ୟରେ ଅଭିଯୋଗ ପର୍ଦ୍ଦ ଦାଖଲ କରାଯାଇଛି —ନିର୍ଣ୍ଣୟ ହୋଇଛି, କେବଳ ତଦନ୍ତ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ପାଇଁ ଫୌଜଦାରୀ ମାମଲାକୁ ରଦ୍ଦ କରାଯାଇପାରିବ ନାହିଁ ।*

*ତଦନ୍ତ— ଶେଷ ହେବାରେ ବିଳମ୍ବ— ପରିଣାମ— ଜଣେ ସରକାରୀ କର୍ମଚାରୀଙ୍କ ବୃଦ୍ଧା ମାଆ ଏବଂ ଶାଶୁ, ଯେଉଁମାନେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଅଭିଯୁକ୍ତ— ସେମାନଙ୍କ ଅପରାଧକୁ ପ୍ରମାଣ କରିବା ପାଇଁ ପର୍ଯ୍ୟାପ୍ତ ତଥ୍ୟ ନାହିଁ— ଅଭିଯୋଜନ ଦ୍ୱାରା ଦାଖଲ ହେବାକୁ ଥିବା ଦସ୍ତାବିଜ ଏବଂ ପ୍ରମାଣର ପରିମାଣକୁ ବିଚାରକୁ ନେଇ ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ବିଚାର ଶେଷ ହେବାର ସମ୍ଭାବନା ନାହିଁ— ନିର୍ଣ୍ଣୟ ହୋଇଛି, ଯେଉଁ ମାମଲାରେ ଶେଷ ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ ହେବାର କୌଣସି ସମ୍ଭାବନା ନାହିଁ, ସେଥିପାଇଁ ସେମାନଙ୍କୁ ଦୀର୍ଘ ଦିନ ଧରି ନ୍ୟାୟାଳୟକୁ ଆସିବାକୁ ବାଧ୍ୟ କରିବା ଅନ୍ୟାୟ ଏବଂ ଅଯୌକ୍ତିକ ହେବ ।*

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973:*

*ବିଚାର — ବିଳମ୍ବ — ଫୌଜଦାରୀ ଅଭିଯୋଜନ — ରଦ୍ଦ — ନିର୍ଣ୍ଣୟ ହୋଇଛି, ପ୍ରତ୍ୟେକ ମାମଲାକୁ ଏହାର ନିଜସ୍ୱ ତଥ୍ୟ ଉପରେ ବିଚାର କରିବାକୁ ପଡିବ — ବିଳମ୍ବ ସମ୍ପର୍କିତ ପ୍ରଶ୍ନକୁ କେବଳ ତତ୍ତ୍ୱଗତ ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ ନୁହେଁ ।*

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅପରାଧରେ ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ତଦନ୍ତ ଶେଷ ହେବା ପରେ ଦୁର୍ନୀତି ନିବାରଣ ବିଭାଗ ତାଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ମଞ୍ଜୁରି ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ଯାଇଥିଲା । ଦୁଇ ବର୍ଷ ପରେ ସରକାର ଏହି ମଞ୍ଜୁରି ପ୍ରଦାନ କରିଥିଲେ । ଏହା ପରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧ ବିଚାର କରୁଥିବା ସ୍ୱତନ୍ତ୍ର

ଅଦାଲତରେ ସରକାରୀ କର୍ମଚାରୀ, ତାଙ୍କ ପତ୍ନୀ, ମାଆ ଏବଂ ଶାଶୁଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ୮୦ ବର୍ଷରୁ ଅଧିକ ବୟସ୍କା ଉଭୟ ମାଆ ଏବଂ ଶାଶୁଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଅପରାଧଟି ଥିଲା, ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଲଗାଯାଇଥିବା ମୁଖ୍ୟ ଅପରାଧରେ ସହାୟତା କରିବା । ଏହା ପରେ ମାମଲା ଧୀରେ ଧୀରେ ଆଗକୁ ବଢ଼ିଥିଲା ।

ଅଭିଯୁକ୍ତ ବ୍ୟକ୍ତିମାନେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଏହି ଆଧାରରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ କହିଥିଲେ ଯେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ 11 ବର୍ଷର ଅତ୍ୟଧିକ ବିଳମ୍ବ ହୋଇଛି । ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ଏହାକୁ କେବଳ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ ସମାନ ମାମଲାରେ ଉଚ୍ଚ ନ୍ୟାୟାଳୟ ସମାନ ଯୁକ୍ତିକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ତେଣୁ ମାଆ ଏବଂ ଶାଶୁଙ୍କ ଦ୍ୱାରା ବର୍ତ୍ତମାନର ଏହି ଆବେଦନ । ଅନ୍ୟ ଦୁଇଟି ଆବେଦନ ସରକାରୀ କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ଦ୍ୱାରା ଆଗତ କରାଯାଇଛି ।

ମାଆ ଏବଂ ଶାଶୁଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଇ ଏବଂ ସରକାରୀ କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ,

ନିର୍ଣ୍ଣୟ ନେଇଛନ୍ତି ଯେ: 1.1. ଦୁଇ ଜଣ 80 ବର୍ଷୀୟା ମହିଳା ଆବେଦନକାରୀଙ୍କ ବିରୋଧରେ ଏକମାତ୍ର ଅଭିଯୋଗ ହେଉଛି ଯେ ସେମାନେ ଦୁର୍ନୀତି ନିବାରଣ ଅଧିନିୟମ 13 (2) ଅନୁଯାୟୀ ସରକାରୀ କର୍ମଚାରୀଙ୍କୁ ଏହି ଅପରାଧ କରିବାକୁ ପ୍ରବର୍ତ୍ତାଇଥିଲେ । ସେହି ଦୁଇ ମହିଳାଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାର ଦୁଇଟି କାରଣ ରହିଛି । ପ୍ରଥମଟି ହେଉଛି, ଦୁଇଜଣ ବୃଦ୍ଧା ମହିଳା ଉକ୍ତ ସରକାରୀ କର୍ମଚାରୀଙ୍କୁ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ଜାଣିଶୁଣି ସହାୟତା କରିଥିଲେ, ଏହା ପ୍ରମାଣ କରିବା ପାଇଁ ଯଥେଷ୍ଟ ତଥ୍ୟ ନାହିଁ । ଏହି ପରିସ୍ଥିତିରେ, ସେହି ଦୁଇ ବୃଦ୍ଧାଙ୍କୁ ଏପରି ଏକ ମକଦ୍ଦମାର ସମ୍ମୁଖୀନ ହେବାକୁ ବାଧ କରିବାର କୌଣସି କାରଣ ନାହିଁ, ଯେଉଁଥିରେ ଶେଷରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାର ସମ୍ଭାବନା ନାହିଁ । ଦ୍ୱିତୀୟଟି ହେଉଛି, ଏହି ବିଚାର ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ଶେଷ ହେବାର ସମ୍ଭାବନା ନାହିଁ । ଅଭିଯୋଜନ ଦ୍ୱାରା ଦାଖଲ କରାଯାଇଥିବା ଦଲିଲ ଏବଂ ପ୍ରମାଣର ପରିମାଣକୁ ବିଚାର କରି, ଦୁଇଜଣ ମହିଳା, ଯେଉଁମାନେ ଅଧିକ ବୟସ ହେତୁ ବୃଦ୍ଧାବସ୍ଥାର ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚି ସାରିଥିବେ, ସେମାନଙ୍କୁ ଦୀର୍ଘ ସମୟ ଧରି ଚାଲିବାକୁ ଥିବା ବିଚାର ପ୍ରକ୍ରିୟା ପାଇଁ ବାଧ କରିବା ଅନ୍ୟାୟ ଏବଂ ଅଯୌକ୍ତିକ ହେବ, ବିଶେଷ କରି ଯେତେବେଳେ ସେମାନଙ୍କ ବିରୁଦ୍ଧରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାର କୌଣସି ଯୁକ୍ତିଯୁକ୍ତ ସମ୍ଭାବନା ନାହିଁ ।

1.2. ଏହି ମାମଲାରେ ବିପୁଳ ପରିମାଣର ନଥି ସହିତ ବିଭିନ୍ନ ସ୍ଥାନରେ ଅବସ୍ଥିତ ବହୁ ସଂଖ୍ୟକ ସମ୍ପତ୍ତି ଏବଂ ଅଂଶଧନ, ଋଣପତ୍ର ସମ୍ବନ୍ଧୀୟ ଶହ ଶହ ଦସ୍ତାବିଜ ଅନ୍ତର୍ଭୁକ୍ତ । ଶହ ଶହ କମ୍ପାନୀର ସ୍ଥାୟୀ ଜମା ଏବଂ ରସିଦ ମଧ୍ୟ ଯାଞ୍ଚ କରାଯିବାର ଥିଲା । ଅଭିଯୋଜନ ଦ୍ୱାରା ଦାଖଲ କରାଯିବାକୁ ଥିବା ଦଲିଲଗୁଡ଼ିକ ଚଉଦଟି ବଡ଼ ପୁସ୍ତକ ସଂଖ୍ୟକ ଅଟେ । ଦୁର୍ନୀତି ନିବାରଣ ବିଭାଗର ଅଧିକାରୀମାନଙ୍କୁ, ଆବେଦନକାରୀ ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ବୋଲି ସନ୍ଦେହ କରାଯାଉଥିବା ପ୍ରତ୍ୟେକ ସମ୍ପତ୍ତିର ତଦନ୍ତ କରିବା ପାଇଁ ବହୁତ ସମୟ ନେବାକୁ ପଡ଼ିଥିଲା । ଯଦି ଏହି ମାମଲାରେ, ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ସରକାରଙ୍କଠାରୁ କୌଣସି ଅନୁମତିର ଆବଶ୍ୟକତା ନଥାନ୍ତା, ତେବେ ତଦନ୍ତକାରୀ ସଂସ୍ଥା ଏଫଆଇଆର୍ ଦାୟର ହେବାର ଚାରି ବର୍ଷ ପରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିଥାନ୍ତା ।

ସରକାରଙ୍କ ଠାରୁ ମଞ୍ଜୁରି ପାଇବାରେ ବିଳମ୍ବ ପାଇଁ ତଦନ୍ତକାରୀ ଅଧିକାରୀମାନଙ୍କୁ ଦାୟୀ କରାଯାଇପାରିବ ନାହିଁ । ମାମଲାଟି କେତେ ସଂଖ୍ୟକ କାର୍ଯ୍ୟାଳୟ ଦେଇ ଗତି କରିଥିଲା ଏବଂ ସବୁ ସ୍ତରରେ ବିପୁଳ ପରିମାଣର ନଥିପତ୍ରକୁ ଅନୁଧ୍ୟାନ କରିବାକୁ ପଡ଼ିଥିଲା, ତାହା ବିଚାରକୁ ନେଲେ, ଦୁଇ ବର୍ଷର ସମୟ ଏତେ ଅଯୌକ୍ତିକ ଭାବେ ଅଧିକ ବୋଲି ଧରାଯାଇପାରିବ ନାହିଁ ଯେ, ଯାହା ଆବେଦନକାରୀଙ୍କ ମୌଳିକ ଅଧିକାରକୁ ପ୍ରଭାବିତ କରିବ । ମଞ୍ଜୁରି ପାଇବାର କିଛି ଦିନ ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଏହି ତଥ୍ୟ ଏବଂ ପରିସ୍ଥିତିରେ, କେବଳ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ବିଳମ୍ବ ଆଧାରରେ ଫୌଜଦାରୀ ମକଦ୍ଦମାକୁ ରଦ୍ଦ କରାଯାଇପାରିବ ନାହିଁ ।

2. ଫୌଜଦାରୀ ମାମଲାର ଶୁଣାଣିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି, କାରଣ ଫୌଜଦାରୀ କାର୍ଯ୍ୟାନୁଷ୍ଠାନର ପରିସମାପ୍ତିରେ ଅଯଥା ବିଳମ୍ବ ସମ୍ବିଧାନର ଅନୁଚ୍ଛେଦ 21 ରେ ବର୍ଣ୍ଣିତ ମୌଳିକ ସୁରକ୍ଷାର ବିରୋଧାଭାସ ଅଟେ । ତଥାପି, ଅଦାଲତକୁ ଏହାକୁ ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ହେବ ଏବଂ ବିଳମ୍ବ ସମ୍ପର୍କିତ ପ୍ରଶ୍ନକୁ ସମ୍ପୂର୍ଣ୍ଣ ରୂପେ ଏକ ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରାଯାଇପାରିବ ନାହିଁ । ଅନ୍ୟ ଅର୍ଥରେ, ବିଳମ୍ବ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ରଦ୍ଦ କରିବା ପାଇଁ ଅଭିଯୁକ୍ତଙ୍କ ଦ୍ୱାରା ଆବେଦନ କରାଗଲେ, ଅଦାଲତ ପ୍ରତ୍ୟେକ ମାମଲାର ନିଜସ୍ୱ ତଥ୍ୟ ଓ ପରିସ୍ଥିତିକୁ ବିଚାର କରିବା ଉଚିତ୍ । ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ତିନି ବର୍ଷରୁ ଅଧିକ କାରାଦଣ୍ଡ ପର୍ଯ୍ୟନ୍ତ ଦଣ୍ଡନୀୟ ଅପରାଧ ସମ୍ବନ୍ଧରେ ତଦନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଅବଧି ପ୍ରଦାନ କରାଯାଇଛି । ତଥାପି, ଦୁର୍ନୀତି ସମ୍ବନ୍ଧୀୟ ଅପରାଧଗୁଡ଼ିକୁ ସେହି ସୀମାବନ୍ଧନ ପରିସରରୁ ବାଦ ଦିଆଯାଇଛି ।

*ହୁସେନାରା ଖାତୁନ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟର ଗୃହ ସଚିବ,* **[1980] 1 ଏସସିସି 81**; *ଆନ୍ଧ୍ର ପ୍ରଦେଶ ବନାମ ପି. ଭି. ପବିତ୍ରନ,* **[1990] 2 ଏସସିସି 340**; *ଏ. ଆର୍. ଅନ୍ତୁଲେ ବନାମ ଆର. ଏସ. ନାୟକ,* **[1992] 1 ଏସସିସି 225**; *ରାଜଦେଓ ଶର୍ମା ବନାମ ବିହାର ରାଜ୍ୟ,* **[1998] 7 ଏସସିସି 507** ଏବଂ *ରାଜଦେଓ ଶର୍ମା ବନାମ ବିହାର ରାଜ୍ୟ,* **[1999] 7 ଏସସିସି 604, ମାମଲାକୁ ଉଲ୍ଲେଖ କରାଯାଇଛି ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 176/2001

15.3.2000 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ସିଆରଏଲ. ଡବ୍ଲୁ. ପି. ସଂଖ୍ୟା 516/1997 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସହିତ

ଫୌଜଦାରୀ ଆବେଦନ ସଂଖ୍ୟା 177 ଏବଂ 178/2001

ଡ. ରାଜୀବ ଧାୱନ, ମାର୍କଣ୍ଡ ଡି. ଅଦକର, ଏସ୍. ଡି. ସିଂହ ଏବଂ ବିଶ୍ୱଜିତ୍ ସିଂହ ଆବେଦନକାରୀଙ୍କ ପାଇଁ ।

ଶ୍ରୀଧର ୱାଇ. ଚିତାଲେ ଏବଂ ଏସ୍. ଭି. ଦେଶପାଣ୍ଡେ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଥୋମାସଙ୍କ** ଦ୍ୱାରା । ଅନୁମତି ମଞ୍ଜୁର କରାଗଲା । ଦୁଇଜଣ ଅଶୀ ବର୍ଷୀୟା ମହିଳା ଅନୁଭବ କରୁଛନ୍ତି ଯେ ଏକ ବିଚାର ପ୍ରକ୍ରିୟା ଯାହା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ତାହାକୁ ଶେଷ କରିବା ପାଇଁ ସେମାନଙ୍କ

ପାଖରେ ଅଧିକ ସମୟ ନାହିଁ ଏବଂ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିବା ପାଇଁ ତଦନ୍ତ ପ୍ରକ୍ରିୟାରେ ଯେତିକି ବର୍ଷ ବିତିଗଲାଣି, ତାହାକୁ ଦେଖିଲେ ଏହି ବିଚାର ଏକ ଦୀର୍ଘସୂତ୍ରୀ ପ୍ରକ୍ରିୟା ହେବ । ଦୁଇଜଣ ମହିଳା ସେମାନଙ୍କ ସମ୍ପର୍କୀୟମାନଙ୍କ ସହିତ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯେଉଁମାନେ ମଧ୍ୟ ସେହି ମାମଲାରେ ଅଭିଯୁକ୍ତ ଭାବେ ସାମିଲ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ, ସେମାନେ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ହିଁ ଫୌଜଦାରୀ ମାମଲାକୁ ଖାରଜ କରିବା ପାଇଁ ଆବେଦନ କରିଥିଲେ, ଯାହାର ମୁଖ୍ୟ କାରଣ ଥିଲା ତଦନ୍ତ ପ୍ରକ୍ରିୟା ଶେଷ କରିବାରେ ହୋଇଥିବା ଅତ୍ୟଧିକ ବିଳମ୍ବ । କିନ୍ତୁ ଉଚ୍ଚ ନ୍ୟାୟାଳୟ, ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ମାମଲାକୁ ବନ୍ଦ କରିବା ପରିବର୍ତ୍ତେ, ଆଜ୍ଞାଦେଶ ଆବେଦନକୁ କେବଳ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ ସମାନ ମାମଲାରେ ଉଚ୍ଚ ନ୍ୟାୟାଳୟ ସମାନ ବିବାଦକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ ।

ଏହି ଆବେଦନଗୁଡିକର ଫଏସଲା ପାଇଁ ଯେତିକି ତଥ୍ୟ ଅତି ଆବଶ୍ୟକ, ତାହା ନିମ୍ନରେ ଦିଆଗଲା: ଆବେଦନକାରୀ ରଞ୍ଜନ ହେମଚନ୍ଦ୍ର ଶଶିତଳ ଜଣେ ସରକାରୀ କର୍ମଚାରୀ ଯିଏ ମହାରାଷ୍ଟ୍ର ସରକାରଙ୍କ ନିଷେଧ ଏବଂ ଅବକାରୀ ବିଭାଗରେ ଉପ-ଆୟୁକ୍ତ ପଦବୀ ହାସଲ କରିଛନ୍ତି (ତାଙ୍କୁ ଏହା ପରେ 'ଆବେଦନକାରୀ-ସରକାରୀ କର୍ମଚାରୀ' ଭାବରେ ଉଲ୍ଲେଖ କରାଯିବ)। ବର୍ତ୍ତମାନ 83 ବର୍ଷ ବୟସ୍କା ଆବେଦନକାରୀ ସୀତା ହେମଚନ୍ଦ୍ର ଶଶିତଳ ଏବଂ 81 ବର୍ଷ ବୟସ୍କା ଶାନ୍ତା ସୁବାରାଓ ଶିରାଲି, ଯଥାକ୍ରମେ ଆବେଦନକାରୀ-ସରକାରୀ କର୍ମଚାରୀଙ୍କ ମାଆ ଏବଂ ଶାଶୂ ଅଟନ୍ତି । ତାଙ୍କ ପତ୍ନୀ ଅନୁରାଧା ମଧ୍ୟ ଜଣେ ଆବେଦନକାରୀ, କାରଣ ସେ ମଧ୍ୟ ଅଭିଯୁକ୍ତ ଥିଲେ ।

ଦୁର୍ନୀତି ନିବାରଣ ବିଭାଗ (ସଂକ୍ଷିପ୍ତରେ ଏସିବି) ଠାରୁ ମିଳିଥିବା କିଛି ସୂଚନା ଆଧାରରେ ଏକ ପ୍ରାଥମିକ ତଦନ୍ତ କରାଯାଇଥିଲା ଏବଂ ଦୁର୍ନୀତି ନିବାରଣ ଆଇନ, 1947ର ଧାରା 5 (2) ଅନୁଯାୟୀ ଆବେଦନକାରୀ-ସରକାରୀ କର୍ମଚାରୀଙ୍କ ବିରୋଧରେ ଏଫଆଇଆର୍ ପଞ୍ଜୀକୃତ ହୋଇଥିଲା । ଏହା ପରେ ତୁରନ୍ତ ମୁମ୍ବାଇ ଏବଂ ନାସିକରେ ଅବସ୍ଥିତ ଆବେଦନକାରୀ-ସରକାରୀ କର୍ମଚାରୀଙ୍କ କୋଠା ବୋଲି ଏସିବି ଅଧିକାରୀମାନେ ବିଶ୍ୱାସ କରୁଥିବା ସ୍ଥାନରେ ଚଢ଼ାଉ କରାଯାଇଥିଲା । ସେମାନଙ୍କ ଦ୍ୱାରା କରାଯାଇଥିବା ଚଢ଼ାଉ ଏବଂ ଅନ୍ୟାନ୍ୟ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଆବେଦନକାରୀ-ସରକାରୀ କର୍ମଚାରୀ 1986 ମସିହାରେ 33.44 ଲକ୍ଷ ଟଙ୍କାର ସମ୍ପତ୍ତି ଅର୍ଜନ କରିଛନ୍ତି, ଯାହା ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଥିଲା । ଏସିବି ସହିତ ସଂଯୁକ୍ତ ସହକାରୀ ଆରକ୍ଷୀ ଆୟୁକ୍ତଙ୍କ ଦ୍ୱାରା ତଦନ୍ତ ପ୍ରକ୍ରିୟା ଶେଷ ହୋଇଥିଲା ଏବଂ ସେ ଜୁଲାଇ 1990 ରେ ଏସିବି ର ନିର୍ଦ୍ଦେଶକ ଥିବା ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ଚୂଡ଼ାନ୍ତ ବିବରଣୀ ଦାଖଲ କରିଥିଲେ । ଚୂଡ଼ାନ୍ତ ବିବରଣୀ ଚିଠା ଅନୁମୋଦିତ ହେବା ପରେ, ଏସିବି, ସମ୍ପୃକ୍ତ ଅଭିଯୁକ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ଚଲାଇବା ପାଇଁ ଅନୁମତି ଲୋଡ଼ି ତା 6.4.1991 ରିଖରେ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ।**ସରକାର** 22.1.1993 ରେ ମଞ୍ଜୁରି ପ୍ରଦାନ କରିଥିଲେ ଏବଂ ତା 'ପରେ ଦୁର୍ନୀତି ନିବାରଣ ଅଧିନିୟମ ଅନୁଯାୟୀ 4.3.1993 ରେ ଅପରାଧ ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତରେ ସମସ୍ତ ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଆବେଦନକାରୀ-ସରକାରୀ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଅପରାଧ, ଦୁର୍ନୀତି ନିବାରଣ ଅଧିନିୟମ, 1988 ର ଧାରା 13 (1) (e) ସହିତ ପାଠ କରାଯାଉଥିବା ଧାରା 13 (2) ଅନୁଯାୟୀ ଥିଲା । ମହିଳା ଆବେଦନକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଯେ, ସେମାନେ ମୁଖ୍ୟ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ମୁଖ୍ୟ ଅପରାଧରେ ସହାୟତା କରିଥିଲେ ।

ଡକରା ଜାରି କରାଯିବା ପରେ, ସମସ୍ତ ଆବେଦନକାରୀ 14.1.1994 ତାରିଖରେ ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ହାଜର ହୋଇଥିଲେ । ଉକ୍ତ ଅଦାଲତରେ ପରବର୍ତ୍ତୀ ଶୁଣାଣି ଏକ ବର୍ଷ ବିତିଯିବା ପରେ ହିଁ ହୋଇଥିଲା । ଉକ୍ତ

ଦିନ ଆବେଦନକାରୀମାନେ କେତେକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରିଥିଲେ ।" ଏହିପରି ମଧ୍ୟବର୍ତ୍ତୀକାଳୀନ ଆବେଦନଗୁଡ଼ିକର ନିଷ୍ପତ୍ତି ପାଇଁ ଭବିଷ୍ୟତର ବିଭିନ୍ନ ତାରିଖରେ ମାମଲାଟି ପଡ଼ିବା ପରେ, ମାମଲାଟି ମନ୍ଥର ଗତିରେ ଆଗେଇଥିଲା ଏବଂ ଅଭିଯୋଗ ଗଠନ କରାଯିବ କି ନାହିଁ ତାହା ବିଚାର କରିବା ପାଇଁ ପ୍ରାଥମିକ ଶୁଣାଣିର ପର୍ଯ୍ୟାୟରେ ପହଞ୍ଚିଥିଲା । ଉପରୋକ୍ତ ସନ୍ଦର୍ଭରେ ଆବେଦନକାରୀମାନେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପାଇଁ 15.4.1997 ରେ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ।

ଆଜ୍ଞାଦେଶ ଆବେଦନର ମୁଖ୍ୟ ଆଧାର ହେଉଛି ଯେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ 11 ବର୍ଷର ଅତ୍ୟଧିକ ବିଳମ୍ବ ହୋଇଥିଲା ଏବଂ ଏପରି ବିଳମ୍ବ ସମ୍ବିଧାନର ଅନୁଚ୍ଛେଦ 21ର ଉଲ୍ଲଂଘନ କରୁଛି । ଆବେଦନକାରୀଙ୍କ ମତରେ, ଏହି ବିଳମ୍ବ ସେମାନଙ୍କୁ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଅସହ୍ୟ ମାନସିକ ଆଘାତ, ମନସ୍ତାତ୍ତ୍ୱିକ ଭୟ ଏବଂ ମାନସିକ ଚାପ ଦେଇଛି, ଏହା ସହିତ, ସେମାନଙ୍କ ଉପରେ ପ୍ରଚଣ୍ଡ ଅପମାନ ଏବଂ ବଦନାମ ମଧ୍ୟ ଲଦି ଦିଆଯାଇଛି । ସେମାନେ ଏହା ମଧ୍ୟ କହିଥିଲେ ଯେ ଅସ୍ୱାଭାବିକ ବିଳମ୍ବ ଆବେଦନକାରୀମାନଙ୍କୁ ବିପୁଳ ଆର୍ଥିକ କ୍ଷତି ପହଞ୍ଚାଇଛି ଏବଂ ଏହାର ପ୍ରଭାବ ପରିବାରର ସଦସ୍ୟମାନଙ୍କ ବ୍ୟକ୍ତିଗତ, ବୃତ୍ତିଗତ ଏବଂ ବ୍ୟବସାୟିକ ବିକାଶର ସମ୍ଭାବନାକୁ ଭାଙ୍ଗି ଦେଇଛି ।

ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ, କେବଳ ଅନ୍ୟ କେତେକ ମାମଲାରେ ଅନ୍ୟମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦୁଇଟି ଆଜ୍ଞାଦେଶ ଆବେଦନ ଖାରଜ ହୋଇଥିବା କାରଣରୁ, ଏହି ଆଜ୍ଞାଦେଶ ଆବେଦନଟିକୁ ମଧ୍ୟ ଖାରଜ କରିଦେଇଛନ୍ତି । ବର୍ତ୍ତମାନର ଆଜ୍ଞାଦେଶ ଆବେଦନରେ ପ୍ରଦାନ କରାଯାଇଥିବା ଦୁଇଜଣିଆ ଖଣ୍ଡପୀଠଙ୍କ ସମ୍ପୂର୍ଣ୍ଣ ରାୟ ଏକ ସଂକ୍ଷିପ୍ତ ରୂପରେ ଅଛି ଏବଂ ତାହାକୁ ନିମ୍ନରେ ଉଦ୍ଧୃତ କରାଯାଇଛି:

> "ଫୌଜଦାରୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 1642/1999 ଏବଂ 1742/1999 ରେ ପାରିତ ହୋଇଥିବା ସମାନ ଆଦେଶକୁ ଦୃଷ୍ଟିରେ ରଖି ଏହି ଆବେଦନର ତଦନୁସାରେ ଫଏସଲା ହୋଇଛି ।"

ଯେହେତୁ ଉକ୍ତ ସମାନ ଆଦେଶର ଏକ ନକଲ ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା, ଆମେ ଏହାକୁ ଅନୁଧ୍ୟାନ କରିପାରିବା, କିନ୍ତୁ ସେହି ଅନ୍ୟ ମାମଲାଗୁଡ଼ିକର ବାସ୍ତବ ପରିସ୍ଥିତି ବର୍ତ୍ତମାନର ମାମଲାଠାରୁ ବହୁତ ଭିନ୍ନ ଥିଲା, କେବଳ ସେହି ସାଧାରଣ କାରଣକୁ ଛାଡ଼ିଦେଲେ ଯାହା ଅଭିଯୋଗ ହୋଇଥିବା ଅପରାଧ ଦୁର୍ନୀତି ନିବାରଣ ଅଧିନିୟମ ବ୍ୟବସ୍ଥା ଅଧୀନରେ ଥିଲା । ଅବଶ୍ୟ, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଆଜ୍ଞାଦେଶ ଆବେଦନକୁ ପୁନର୍ବାର ଫଏସଲା ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଇବା ପାଇଁ ଆମ ସମ୍ମୁଖରେ ଏକ ଯୁକ୍ତି କରିଥିଲେ । କିନ୍ତୁ ଆମେ ସେହି ସଂକ୍ଷିପ୍ତ ପଥକୁ ଆପଣେଇବାରୁ କ୍ଷାନ୍ତ ରହୁଛୁ, ଯାହାକି ପୂର୍ବରୁ ବିଳମ୍ବିତ ହୋଇଥିବା ମାମଲାକୁ ଆହୁରି ବିଳମ୍ବ କରିଦେବ ।

ବୃଦ୍ଧ ମହିଳା ଆବେଦନକାରୀଙ୍କ ତରଫରୁ ଯୁକ୍ତି କରିଥିବା ଡକ୍ଟର ରାଜୀବ ଧାୱନ ବର୍ତ୍ତମାନର ମାମଲାରେ ରୁଜୁ ହୋଇଥିବା ଏଫଆଇଆର୍ ପରବର୍ତ୍ତୀ ଅବଧିକୁ ତିନୋଟି ଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରିଥିଲେ । ପ୍ରଥମଟି ହେଉଛି 1986 ରୁ 1990 ପର୍ଯ୍ୟନ୍ତ ସମୟ ଯାହା ତଦନ୍ତ ପାଇଁ ନିଆଯାଇଥିବା ସମୟ ବୋଲି ଦାବି କରାଯାଇଛି । ଦ୍ୱିତୀୟଟି ହେଉଛି 1990 ରୁ 1993 ପର୍ଯ୍ୟନ୍ତ, ଯାହା ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ସରକାରଙ୍କ ମଞ୍ଜୁରି ପାଇବା ପାଇଁ ନିଆଯାଇଥିବା ସମୟ ବୋଲି କୁହାଯାଏ । 1994 ରୁ 1997 ରେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ ପର୍ଯ୍ୟନ୍ତ ସମୟ ହେଉଛି ତୃତୀୟ ପର୍ଯ୍ୟାୟ, ଯେଉଁ ସମୟରେ ବୈଚାରିକ ଅଦାଲତରେ ପ୍ରକ୍ରିୟା ଅତି ମନ୍ଥର ଥିଲା,

ଯେଉଁଥିପାଇଁ ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଦାଖଲ ନକରିବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ଗଠନ କରାଯାଇ ପାରିନଥିଲା ।

ଏହି ନ୍ୟାୟାଳୟ ବାରମ୍ବାର ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି, କାରଣ ଫୌଜଦାରୀ କାର୍ଯ୍ୟାନୁଷ୍ଠାନର ପରିସମାପ୍ତିରେ ଅଯଥା ବିଳମ୍ବ ହେଉଛି ସମ୍ବିଧାନର ଅନୁଚ୍ଛେଦ 21ରେ ନିହିତ ସାମ୍ବିଧାନିକ ସୁରକ୍ଷାର ଉଲଂଘନ । ତଥାପି, ଅଦାଲତଙ୍କୁ ଏହାକୁ ଏକ ବ୍ୟାବହାରିକ ଦୃଷ୍ଟିକୋଣରୁ ବିଚାର କରିବାକୁ ପଡ଼ିବ, ଏବଂ ବିଳମ୍ବର ପ୍ରଶ୍ନକୁ ସମ୍ପୂର୍ଣ୍ଣ ରୂପେ କେବଳ ତାତ୍ତ୍ୱିକ ଦିଗରୁ ବିଚାର କରାଯାଇପାରିବ ନାହିଁ । ଅନ୍ୟ ଅର୍ଥରେ, ଉଚ୍ଚ ନ୍ୟାୟାଳୟ ଏବଂ ଏହି ଅଦାଲତ, ଯେତେବେଳେ ବିଳମ୍ବ ଆଧାରରେ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପାଇଁ ଅଭିଯୁକ୍ତଙ୍କ ଦ୍ୱାରା ମାମଲା ଆଗତ କରାଯାଏ, ପ୍ରତ୍ୟେକ ମାମଲାକୁ ଏହାର ନିଜସ୍ୱ ତଥ୍ୟ ଉପରେ ବିଚାର କରିବା ଆବଶ୍ୟକ ହୋଇଥାଏ । ଦୁର୍ଭାଗ୍ୟବଶତଃ, ଆମ ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବ ଏତେ ମାତ୍ରାରେ ବ୍ୟାପିଯାଇଛି ଯେ, ସବୁ ସ୍ତରରେ ବିଳମ୍ବ ଏକ କାରଣ ପାଲଟିଯାଇଛି । ଏଭଳି ଏକ ବ୍ୟାଧିକୁ ନ୍ୟାୟିକ ଭାବେ ନିନ୍ଦା କରାଯାଇଛି ଏବଂ ଏହି ବିଳମ୍ବକୁ କମାଇବା ପାଇଁ ପ୍ରୟାସ କରାଯାଇଛି, ଯାହା ଏକ ବ୍ୟବସ୍ଥାଗତ କର୍କଟ ରୋଗ ଭାବରେ ବିକଶିତ ହୋଇଛି ।

ପ୍ରଥମ ଥର ପାଇଁ ଫୌଜଦାରୀ କାର୍ଯ୍ୟବିଧି ସଂହିତା ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡନୀୟ ଅପରାଧ ସମ୍ବନ୍ଧରେ ତଦନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସମୟ ଅବଧି ପ୍ରଦାନ କରିଛି । ବିଭିନ୍ନ ବର୍ଗର ଅପରାଧ ସମ୍ବନ୍ଧରେ ନିର୍ଦ୍ଧାରିତ ସୀମାର ଅବଧି ସମାପ୍ତ ହେବା ପରେ, ଯାହାର ଦଣ୍ଡ ଉପରୋକ୍ତ ସୀମାକୁ ଅତିକ୍ରମ କରିନଥାଏ, ଏପରି ଅପରାଧଗୁଡ଼ିକର ବିଚାର ଗ୍ରହଣ କରିବା ପାଇଁ ଅଦାଲତ ଉପରେ ଏକ ଆଇନଗତ ପ୍ରତିବନ୍ଧକ ଲଗାଇବାର ବ୍ୟବସ୍ଥା ସଂହିତାର ଅଧ୍ୟାୟ 36 ରେ ଅନ୍ତର୍ଭୁକ୍ତ କରାଯାଇଛି । ତେବେ, ଦୁର୍ନୀତି ସମ୍ବନ୍ଧୀୟ ଅପରାଧଗୁଡ଼ିକ ଏପରି ସୀମାବନ୍ଧନ ମଧ୍ୟରୁ ବାଦ୍ ଦିଆଯାଇଥିବା ଅପରାଧଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ।

*ହୁସେନାରା ଖତୁନ ଏବଂ ଅନ୍ୟମାନେ ବନାମ ଗୃହ ସଚିବ*, ବିହାର ରାଜ୍ୟ, [1980] 1 ଏସସିସି 81 ମାମଲାରେ ତିନି ଜଣିଆ ଖଣ୍ଡପୀଠ ଦ୍ୱାରା କରାଯାଇଥିବା ସମ୍ପୂର୍ଣ୍ଣ ଧ୍ୟାନ ବିଚାର ପର୍ଯ୍ୟାୟରେ ଥିଲା । ଏହି ନ୍ୟାୟାଳୟର ଜଣେ ଓକିଲ ଖବରକାଗଜ ବିବରଣୀ ଆଧାରରେ ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯେ ମହିଳା ଏବଂ ପିଲାମାନଙ୍କ ସମେତ ଅନେକ ବିଚାରାଧୀନ କଏଦୀ ବିହାର ଜେଲରେ ଅନେକ ବର୍ଷ ଧରି ବିଚାର ଅପେକ୍ଷାରେ ରହିଛନ୍ତି ।ତେଣୁ ସେହି ମାମଲାର ବିଚାର, କେବଳ ବିଚାର ପ୍ରକ୍ରିୟାରେ ହେଉଥିବା ବିଳମ୍ବ ମଧ୍ୟରେ ସୀମିତ ଥିଲା ।

*ଆନ୍ଧ୍ର ପ୍ରଦେଶ ରାଜ୍ୟ ବନାମ ପି. ଭି. ପବିତ୍ରନ*, [1990] 2 ଏସସିସି 340 ମାମଲାରେ ତଦନ୍ତ ସମ୍ପୂର୍ଣ୍ଣ କରିବାରେ ଅହେତୁକ ବିଳମ୍ବକୁ ଫୌଜଦାରୀ ମାମଲା ରଦ୍ଦ କରିବାର ଏକ କାରଣ ଭାବରେ ସ୍ୱୀକାର କରାଯାଇଛି । ଉକ୍ତ ନିଷ୍ପତ୍ତିରେ ବିଦ୍ୱାନ ନ୍ୟାୟମୂର୍ତ୍ତିମାନେ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରିଥିଲେ:

> "ଏହି ସତ୍ୟକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ, ଦୀର୍ଘ ସମୟ ଧରି ଚାଲିଥିବା ଢିଲା ତଦନ୍ତ ପ୍ରକ୍ରିୟା, ଜଣେ ଅଭିଯୁକ୍ତଙ୍କୁ ପ୍ରତି ମୁହୂର୍ତ୍ତରେ ଅତ୍ୟଧିକ ଆବେଗିକ ତଥା ମାନସିକ ଚାପ ଏବଂ ଉତ୍ତେଜନା ମଧ୍ୟରେ ବଞ୍ଚିବାକୁ ବାଧ କରେ, ଏବଂ ତାଙ୍କୁ ସର୍ବଦା ଏକ ପ୍ରକାର ମନସ୍ତାତ୍ୱିକ ଭୟ ମଧ୍ୟରେ ରଖିଥାଏ । ତେଣୁ, ଏହା ଜରୁରୀ ଯେ ଯଦି ତଦନ୍ତକାରୀ ସଂସ୍ଥାର ଅକ୍ଷମତା ହେତୁ ଏକ ଫୌଜଦାରୀ ମାମଲାର ତଦନ୍ତ ଅତ୍ୟଧିକ ବିଳମ୍ବିତ ହୁଏ ଏବଂ ଏହା ଅଭିଯୁକ୍ତଙ୍କ ପାଇଁ ଗମ୍ଭୀର ଅସୁବିଧା ସୃଷ୍ଟି କରେ, ତେବେ ନାଗରିକଙ୍କ ଅଧିକାର ଏବଂ

ବ୍ୟକ୍ତିଗତ ସ୍ୱାଧୀନତାର ରକ୍ଷକ ଭାବରେ ଅଦାଲତ ପଦକ୍ଷେପ ନେବେ ଏବଂ ଏହିପରି ତଦନ୍ତରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାର କଠୋର ପ୍ରତିକାର ଅବଲମ୍ବନ କରିବେ ।"

ତଥାପି, ମାନ୍ୟବର ନ୍ୟାୟମୂର୍ତ୍ତିମାନେ "ଶୀଘ୍ର ତଦନ୍ତ ପାଇଁ କୌଣସି କଠୋର ନିୟମ ପ୍ରସ୍ତୁତ କରିବା ସମ୍ଭବ ନୁହେଁ ବୋଲି ଶୀଘ୍ର କହିଥିଲେ, ଏଥିସହ ଫୌଜଦାରୀ ମାମଲାରେ ତଦନ୍ତ କେତେ ଦିନ ମଧ୍ୟରେ ଶେଷ ହେବା ଉଚିତ, ତାହା ପାଇଁ କୌଣସି ମନମୁଖୀ ସମୟସୀମା ସ୍ଥିର କରାଯାଇ ପାରିବ ନାହିଁ ।

ଏହି ମାମଲା ଅଧିକ ଧ୍ୟାନ ଆକର୍ଷଣ କରିଥିଲା ଯେତେବେଳେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ବିଚାରପୀଠ *ଏ. ଆର୍. ଅନ୍ତୁଲେ ବନାମ ଆର୍. ଏସ୍. ନାୟକ,* [1992] 1 ଏସସିସି 225 ମାମଲାରେ ସମସ୍ତ ପର୍ଯ୍ୟାୟରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନରେ ଜଡ଼ିତ ବିଳମ୍ବ ବିଷୟରେ ଏକ ସଂକ୍ଷିପ୍ତ ସୂଚନା ଦେଇଥିଲେ । ଯଦିଓ ସେହି ମାମଲାରେ ସମ୍ବିଧାନ ବିଚାରପୀଠକୁ ପଠାଯାଇଥିବା ସମ୍ପର୍କିତ ପୃଷ୍ଠଭୂମି, ବିଚାର ପର୍ଯ୍ୟାୟରେ ବିଳମ୍ବ ସହ ଜଡିତ ଥିଲା, ତଥାପି ବିଚାରପୀଠ ତଦନ୍ତ ପର୍ଯ୍ୟାୟରେ ହେଉଥିବା ବିଳମ୍ବ ବିଷୟରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ପାରା 81 ରେ ମାନ୍ୟବର ନ୍ୟାୟମୂର୍ତ୍ତିମାନେ ଏହିପରି ପର୍ଯ୍ୟବେକ୍ଷଣ କରିଛନ୍ତି:

> "ବର୍ତ୍ତମାନ ଯେଉଁ ଆଇନ ଏକ ଫୌଜଦାରୀ ମାମଲାର ଶୀଘ୍ର ତଦନ୍ତ, ବିଚାର ଏବଂ ସମାପ୍ତି ପାଇଁ ବ୍ୟବସ୍ଥା କରେ ନାହିଁ, ତାହାକୁ ନ୍ୟାୟୋଚିତ, ଉଚିତ ଏବଂ ଯୁକ୍ତିଯୁକ୍ତ ବୋଲି କୁହାଯାଇପାରିବ କି?ଏକ ଫୌଜଦାରୀ ମାମଲାର ଶୀଘ୍ର ସମାଧାନ ହେବା ଅଭିଯୁକ୍ତ ଏବଂ ସମାଜ ଉଭୟଙ୍କ ସ୍ୱାର୍ଥରେ ଅଟେ । ଯଦି ଅଭିଯୁକ୍ତ ଦୋଷୀ, ତେବେ ତାଙ୍କୁ ସେପରି ଘୋଷଣା କରାଯିବା ଉଚିତ । ଦୋଷୀକୁ ଦଣ୍ଡ ଦେବା ଏବଂ ନିର୍ଦ୍ଦୋଷକୁ ମୁକ୍ତ କରିବାରେ ସାମାଜିକ ସ୍ୱାର୍ଥ ନିହିତ ଥାଏ, କିନ୍ତୁ ଏହି ନିଷ୍ପତ୍ତି (ଦୋଷୀ କି ନିର୍ଦ୍ଦୋଷ) ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଏବଂ ମାମଲାର ସମସ୍ତ ପରିସ୍ଥିତିକୁ ବିଚାରକୁ ନେଇ କରାଯିବା ଉଚିତ୍ । ଯେହେତୁ ଅଭିଯୁକ୍ତ ବ୍ୟକ୍ତି ହିଁ ଅପରାଧରେ ଅଭିଯୁକ୍ତ ଏବଂ ତାଙ୍କ ଜୀବନ ବା ସ୍ୱାଧୀନତା ବିପଦରେ ଥାଏ, ତେଣୁ ଏହା କହିବା ଯୁକ୍ତିଯୁକ୍ତ ଯେ ତାଙ୍କର ତ୍ୱରିତ ବିଚାର ପାଇବାର ଅଧିକାର ଅଛି । ତଦନୁସାରେ, ଏହି ଅଧିକାରକୁ ସମ୍ମାନ ଦେବା ଏବଂ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କର ଦାୟିତ୍ୱ ଅଟେ । ଏହା କହିବା ବାହୁଲ୍ୟ ଯେ, କୌଣସି ଅପରାଧରେ ଅଭିଯୁକ୍ତ ହେବା ହିଁ ଚିନ୍ତାର ବିଷୟ । ଏହା ସହକର୍ମୀମାନଙ୍କ ମଧ୍ୟରେ ଏବଂ ସମାଜରେ ବ୍ୟକ୍ତିର ପ୍ରତିଷ୍ଠା ଏବଂ ସ୍ଥିତିକୁ ପ୍ରଭାବିତ କରିଥାଏ । ଏହା ଚିନ୍ତା ଏବଂ ଖର୍ଚ୍ଚର କାରଣ ହୋଇଥାଏ । ଯଦି ତାଙ୍କୁ ଗିରଫ କରାଯାଏ, ତେବେ ଏହା ଆହୁରି ଅଧିକ ଉଦ୍ବେଗଜନକ ହୋଇଥାଏ । ଯଦି ଏହା ଏକ ଗୁରୁତର ଅପରାଧ, ତେବେ ସେହି ବ୍ୟକ୍ତି ଜଣକ ନିଜର ଜୀବନ, ସ୍ୱାଧୀନତା, ବୃତ୍ତି ଏବଂ ସେ ଗୁରୁତ୍ୱ ଦେଉଥିବା ସବୁକିଛିକୁ ହରାଇ ପାରନ୍ତି ।

ଏହି ନିୟମାବଳୀ ସ୍ଥିର କରିବା ସମୟରେ, ସମ୍ବିଧାନ ବିଚାରପୀଠ ଦ୍ରୁତ ବିଚାରର ପରିସର ମଧ୍ୟରେ ତଦନ୍ତକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲେ । "ସେହି ସମୟରେ, ଖଣ୍ଡପୀଠ ସତର୍କତା ଅବଲମ୍ବନ କରି କହିଛନ୍ତି ଯେ ଅପରାଧର ପ୍ରକୃତି, ଅଭିଯୁକ୍ତ ଏବଂ ସାକ୍ଷୀଙ୍କ ସଂଖ୍ୟା ଇତ୍ୟାଦି ସମସ୍ତ ପରିସ୍ଥିତିକୁ ବିଚାରକୁ ନେଇ ଏକ ବାସ୍ତବବାଦୀ ଏବଂ ବ୍ୟାବହାରିକ ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ ।" ତେଣୁ ପ୍ରତ୍ୟେକ ମାମଲାକୁ ତା'ର ନିଜସ୍ୱ ତଥ୍ୟ ଓ ପ୍ରମାଣ ଉପରେ ବିଚାର କରାଯିବା ଉଚିତ୍ । କେବଳ ତଦନ୍ତ ସମୟରେ ବିଳମ୍ବ ହୋଇଛି ବୋଲି ଯାନ୍ତ୍ରିକ ଭାବେ ପ୍ରଭାବିତ ନ ହୋଇ, ନ୍ୟାୟାଳୟ ନିରପେକ୍ଷ ଭାବେ ନିଷ୍ପତ୍ତି ନେବା ଆବଶ୍ୟକ ।

ଯଦିଓ ବିଦ୍ୱାନ ବରିଷ୍ଠ ଅଧିବକ୍ତା *ରାଜଦେଓ ଶର୍ମା ବନାମ ବିହାର ରାଜ୍ୟ,* [1998] 7 ଏସସିସି 507, ଏବଂ 1999 (7) ଏସସିସି 604] ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଥିରେ ପୂର୍ବ ନିର୍ଦ୍ଦେଶରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା, ସେହି ନିର୍ଦ୍ଦେଶଗୁଡିକ ଅଭିଯୋଗ ଅବଧି ପରେ ପ୍ରୟୋଗ କରାଯିବା ଆବଶ୍ୟକ । ଉକ୍ତ ନିର୍ଣ୍ଣୟର ବିଚାରକୁ ଅଭିଯୁକ୍ତଙ୍କ ଯୁକ୍ତିକୁ ନଥିଭୁକ୍ତ କରିବା ସମୟ ଠାରୁ ଆରମ୍ଭ ହୋଇଥିବା ଅବଧିକୁ ଅନ୍ତର୍ଭୁକ୍ତ କରି ବ୍ୟାଖ୍ୟା କରାଯାଇଥିଲା ।

ଉପରୋକ୍ତ ଆଇନଗତ ସ୍ଥିତିକୁ ଧ୍ୟାନରେ ରଖି ଆମକୁ ଏହା ଜାଣିବା ପାଇଁ ଏହି ମାମଲାର ବିଶ୍ଳେଷଣ କରିବାକୁ ପଡିବ, ଯେ ତଦନ୍ତରେ ଜଡ଼ିତ ବିଳମ୍ବ, ସମ୍ବିଧାନର ଅନୁଚ୍ଛେଦ 21 ରେ ପ୍ରଦତ୍ତ ଆବେଦନକାରୀଙ୍କ ମୌଳିକ ଅଧିକାରକୁ ଉଲଂଘନ କରିଛି କି ନାହିଁ । ଏହି ମାମଲାର ତଦନ୍ତକୁ ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଏହା ଚାରି ବର୍ଷର ଅବଧି ଅର୍ଥାତ ଜୁନ୍ 1986 ରୁ ଜୁଲାଇ 1990 ପର୍ଯ୍ୟନ୍ତ ବ୍ୟାପିଛି । ଆଜ୍ଞାଦେଶ ଆବେଦନର ଉତ୍ତରରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଶପଥ ପାଠ କରିଥିବା ଏସିବି ସହ ସଂଯୁକ୍ତ ସହକାରୀ ଆରକ୍ଷୀ ଆୟୁକ୍ତ କହିଛନ୍ତି ଯେ ଏହି ମାମଲାରେ ବିପୁଳ ପରିମାଣର ନଥି ସହିତ ବହୁ ସଂଖ୍ୟକ ସମ୍ପତ୍ତି ରହିଛି ଯାହା ବିଭିନ୍ନ ସ୍ଥାନରେ ଅବସ୍ଥିତ ଏବଂ ଶହ ଶହ କମ୍ପାନୀ ସମ୍ବନ୍ଧୀୟ ଅଂଶଧନ, ଋଣପତ୍ର, ସ୍ଥାୟୀ ଜମା ଏବଂ ରସିଦ ସମ୍ବନ୍ଧୀୟ ଶହ ଶହ ଦସ୍ତାବିଜ ମଧ୍ୟ ଯାଞ୍ଚ କରାଯିବାର ଥିଲା । ତାଙ୍କ ମତରେ ଏପରି ଏକ କଠିନ ପରିଶ୍ରମ ଏକ ସମୟସାପେକ୍ଷ କାର୍ଯ୍ୟରେ ପରିଣତ ହୋଇଥିଲା । ଏହା ବିବାଦୀୟ ନୁହେଁ ଯେ ଅଭିଯୋଜକ ଦ୍ୱାରା ଉପସ୍ଥାପନ କରିବାକୁ ଚାହୁଁଥିବା ଦସ୍ତାବିଜଗୁଡିକ ଚଉଦ ବୃହତ ଖଣ୍ଡରେ ଅଛି । ଆବେଦନକାରୀ ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ବୋଲି ସନ୍ଦେହ କରାଯାଉଥିବା ପ୍ରତ୍ୟେକ ସମ୍ପତ୍ତିର ତଦନ୍ତ କରିବା ପାଇଁ ଏସିବିର ଅଧିକାରୀମାନଙ୍କୁ ବହୁତ ସମୟ ନେବାକୁ ପଡ଼ିଥିଲା ।

ଯଦି ଏହା ଏପରି ଏକ ମାମଲା ଯାହା ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ସରକାରଙ୍କ ଠାରୁ କୌଣସି ଅନୁମତିର ଆବଶ୍ୟକତା ନଥିଲା, ତେବେ ତଦନ୍ତକାରୀ ସଂସ୍ଥା ଏଫଆଇଆର୍ ଦାଖଲ ହେବାର ଚାରି ବର୍ଷ ଶେଷରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିଥାଆନ୍ତା । ଏହି ପରିପ୍ରେକ୍ଷୀରେ, ବିଭିନ୍ନ ଅପରାଧକୁ ସଂଜ୍ଞାନକୁ ନେବା ପାଇଁ ସମୟସୀମାର ବୈଧାନିକ ନିର୍ଦ୍ଧାରଣ ବିଷୟରେ ଉଲ୍ଲେଖ କରିବା ଉଚିତ । ଏଫଆଇଆର୍ ରୁଜୁ ହେବା ତାରିଖ ଠାରୁ ତିନି ବର୍ଷ ମଧ୍ୟରେ ସମ୍ପୃକ୍ତ ଅଦାଲତ ଦ୍ୱାରା ତିନି ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡନୀୟ ଅପରାଧକୁ ବିଚାରକୁ ନେବାକୁ ପଡ଼ିବ । ଅବଶ୍ୟ, ଏହା ଅନ୍ୟ କେତେକ ବ୍ୟତିକ୍ରମ ଉପରେ ନିର୍ଭର କରେ । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଯଦି ଅପରାଧ ପାଇଁ ନିର୍ଦ୍ଧାରିତ ଦଣ୍ଡ ତିନି ବର୍ଷ କାରାଦଣ୍ଡରୁ ଅଧିକ ହୋଇଥାଏ, ତେବେ ଏହି ଅପରାଧକୁ ସଂଜ୍ଞାନକୁ ନେବା ପାଇଁ ବ୍ୟବସ୍ଥାପିକା କୌଣସି ସମୟସୀମା ନିର୍ଦ୍ଧାରଣ କରିବାକୁ ପସନ୍ଦ କରିନାହିଁ । ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଅପରାଧ ସାତ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡନୀୟ । ଆବେଦନକାରୀଙ୍କ ବିରୋଧରେ ବିଚାରାଧୀନ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ କେବଳ ଏହି ଆଧାରରେ ରଦ୍ଦ କରାଯାଇପାରିବ ନାହିଁ ଯେ ତଦନ୍ତରେ ଚାରି ବର୍ଷ ସମୟ ଲାଗିଛି ବୋଲି ନିଜକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଆମେ ଏହି ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିଲୁ ।

ସରକାରଙ୍କ ଠାରୁ ମଞ୍ଜୁରି ପାଇବା ପାଇଁ ନିଆଯାଇଥିବା ବିଳମ୍ବକୁ ତଦନ୍ତକାରୀ ଅଧିକାରୀମାନଙ୍କୁ ଦାୟୀ କରାଯାଇପାରିବ ନାହିଁ । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, 6.4.1991 ରେ ମଞ୍ଜୁରି ଆବେଦନ କରାଯାଇଥିଲା ଏବଂ ସରକାର 21.2.1993 ରେ ମଞ୍ଜୁରି ପ୍ରଦାନ କରିଥିଲେ । ଯଦିଓ ସରକାର ମଞ୍ଜୁରୀ ଦେବା ବିଷୟରେ ନିଷ୍ପତ୍ତି ନେବା ପାଇଁ ଯେଉଁ ଦୁଇ ବର୍ଷର ସମୟ ନେଇଛନ୍ତି, ତାହାକୁ ଆମେ ଅନୁମୋଦନ କରିପାରୁନାହୁଁ, ତଥାପି, ଏହି ପ୍ରସଙ୍ଗଟି

ଯେତେଗୁଡ଼ିଏ ବିଭାଗ ଦେଇ ଗତି କରିଛି ଏବଂ ବିଭିନ୍ନ ସ୍ତରରେ ଯେଉଁଭଳି ଭାବେ ବହୁ ପରିମାଣର ନଥିପତ୍ର ଅନୁଧ୍ୟାନ କରିବାର ଥିଲା, ତାହାକୁ ଦୃଷ୍ଟିରେ ରଖି ଏହି ସମୟ ଅବଧି ଏତେ ଅଯୌକ୍ତିକ ଭାବେ ଦୀର୍ଘ ଥିଲା ବୋଲି କହିବାକୁ ଆମେ ଦ୍ୱିଧାବୋଧ କରୁଛୁ, ଯାହାକି ଆବେଦନକାରୀଙ୍କ ମୌଳିକ ଅଧିକାରକୁ ପ୍ରଭାବିତ କରିବ । ମଞ୍ଜୁରି ପାଇବାର କିଛି ଦିନ ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା ।

ଉପରୋକ୍ତ କାରଣଗୁଡିକ ପାଇଁ ଆମେ କେବଳ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ବିଳମ୍ବ ଆଧାରରେ ଅପରାଧିକ ମକଦ୍ଦମାକୁ ରଦ୍ଦ କରିବା କରିବାକୁ ଇଚ୍ଛୁକ ନୁହଁ ।

ତଥାପି, ଆମକୁ କୁହାଯାଇଛି ଯେ ଦୁଇ ବରିଷ୍ଠ ମହିଳା ଆବେଦନକାରୀଙ୍କ ବିରୋଧରେ ଏକମାତ୍ର ଅଭିଯୋଗ ହେଉଛି ଯେ ସେମାନେ ପି. ସି. ଅଧିନିୟମର ଧାରା 13 (2) ଅନୁଯାୟୀ ସରକାରୀ କର୍ମଚାରୀଙ୍କୁ ଏହି ଅପରାଧ କରିବାକୁ ପ୍ରବର୍ତ୍ତାଇଥିଲେ । ଦୁଇଟି କାରଣରୁ ଆମେ ସେହି ଦୁଇ ମହିଳାଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା କରିବାକୁ ପ୍ରସ୍ତୁତ ଅଛୁ । ପ୍ରଥମଟି ହେଉଛି, ପ୍ରମାଣ କରିବା ପାଇଁ ସାକ୍ଷ୍ୟ ଯଥେଷ୍ଟ ନୁହେଁ ଯେ ସେହି ଦୁଇ ବୃଦ୍ଧ ମହିଳା ଜାଣିଶୁଣି ସରକାରୀ କର୍ମଚାରୀଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ହାସଲ କରିବାରେ ସାହାଯ୍ୟ କରିଥିଲେ । ଯଦି ପରିସ୍ଥିତି ଏପରି, ତେବେ ସେହି ଦୁଇଜଣ ବୃଦ୍ଧା ମହିଳାଙ୍କୁ ଏଭଳି ଏକ ବିଚାର ପ୍ରକ୍ରିୟା ପାଇଁ କାହିଁକି ବାଧ୍ୟ କରାଯିବ, ଯେଉଁଥିରେ ସେମାନେ ଦୋଷୀ ସାବ୍ୟସ୍ତ ହେବାର ସମ୍ଭାବନା ପ୍ରାୟ ନାହିଁ; ବିଶେଷକରି ଯେତେବେଳେ ଏହି ଅଶୀ ବର୍ଷରୁ ଅଧିକ ବୟସ୍କା ମହିଳାମାନେ ବିଚାର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ବଞ୍ଚି ରହିବେ କି ନାହିଁ, ତାହା ମଧ୍ୟ ସନ୍ଦେହଜନକ । ଦ୍ୱିତୀୟଟି ହେଉଛି, ଏହି ବିଚାର ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ଶେଷ ହେବାର ସମ୍ଭାବନା ନାହିଁ । ଯଦିଓ ସ୍ୱତନ୍ତ୍ର ଅଦାଲତ, ରାଜଦେଓ ଶର୍ମା ମାମଲାରେ ଏହି ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରନ୍ତି, ତଥାପି ଆମେ ସ୍ପଷ୍ଟ ଭାବେ ଅନୁମାନ କରିପାରୁଛୁ ଯେ ଅଭିଯୋଜନ କେବଳ ରାଜଦେଓ ଶର୍ମା ମାମଲା ଅନୁଯାୟୀ ଅନୁମତିପ୍ରାପ୍ତ ସର୍ବାଧିକ ସମୟ ମଧ୍ୟରେ ହିଁ ସାକ୍ଷ୍ୟ ପ୍ରମାଣ ଶେଷ କରିବାକୁ ସକ୍ଷମ ହେବେ କାରଣ, ଅଭିଯୋଜନ ଦ୍ୱାରା ଉପସ୍ଥାପନ କରାଯିବାକୁ ଥିବା ଦଲିଲ ଏବଂ ସାକ୍ଷ୍ୟର ବିଶାଳ ପରିମାଣକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଛି । ଆମେ ଅନୁଭବ କରୁଛୁ ଯେ, ବୃଦ୍ଧାବସ୍ଥାରେ ପହଞ୍ଚିଥିବା ଏବଂ ସମ୍ଭବତଃ ବାର୍ଦ୍ଧକ୍ୟଜନିତ ରୋଗର ସମ୍ମୁଖୀନ ହେଉଥିବା ଦୁଇଜଣ ମହିଳାଙ୍କୁ ଏକ ଦୀର୍ଘ ବିଚାର ପ୍ରକ୍ରିୟା ମଧ୍ୟଦେଇ ଗତି କରିବାକୁ ବାଧ୍ୟ କରିବା ଅନ୍ୟାୟ ଏବଂ ଅଯୌକ୍ତିକ, ଯେଉଁଥିରେ ସେମାନଙ୍କ ବିରୋଧରେ ଦୋଷୀ ସାବ୍ୟସ୍ତ ହେବାର କୌଣସି ଯୁକ୍ତିଯୁକ୍ତ ସମ୍ଭାବନା ନାହିଁ । ତେଣୁ, ଆମେ ସେମାନଙ୍କୁ ଅଭିଯୁକ୍ତମାନଙ୍କ ଶ୍ରେଣୀରୁ ଅଲଗା କରିବାକୁ ଏବଂ ସେହି ଦୁଇ ମହିଳାଙ୍କ ସମ୍ବନ୍ଧରେ ଅପରାଧିକ ମକଦ୍ଦମାକୁ ରଦ୍ଦ କରିବା କରିବାକୁ ଆଗ୍ରହୀ । ଆମେ ତାହା କରୁଛୁ ।

ତେଣୁ, ଦୁଇ ମହିଳା ଆବେଦନକାରୀ-ସୀତା ହେମଚନ୍ଦ୍ର ଶଶିତଳ ଏବଂ ଶାନ୍ତା ସୁବାରାଓ ଶିରାଲିଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦିଆଗଲା, କିନ୍ତୁ ଆବେଦନକାରୀ-ସରକାରୀ କର୍ମଚାରୀ ନିରଞ୍ଜନ ହେମଚନ୍ଦ୍ର ଶଶିତଳ ଏବଂ ତାଙ୍କ ପତ୍ନୀ ଅନୁରାଧା ନିରନ୍ତରଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରାଗଲା ।

ଏମ୍. ପି. ଫୌଜଦାରୀ ଆବେଦନ ସଂଖ୍ୟା 176/2001କୁ ଅନୁମତି ପ୍ରଦାନ କରାଗଲା ।

ଫୌଜଦାରୀ ଆବେଦନ ସଂଖ୍ୟା 177/2001 ଏବଂ 178/2001କୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।